ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଦ୍ୱିମାସିକ ସମ୍ବାଦ ପତ୍ରିକା



ଏବେ କିଏ କହିପାରିବ ମଦ ମୁକ୍ତି ଆନ୍ଦୋଳନ ପାଇଁ ଭବିଷ୍ୟତ ପିଢ଼ୀ ତିଆରି ହେଉନାହାନ୍ତି ବୋଲି !

# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM



ପ୍ରଥମ ବର୍ଷ | ୭ମ ସଂଖ୍ୟା | ଡିସେମ୍ବର-ଜାନୁୟାରୀ ୨୦୨୦ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା

VOLUME - 1 | ISSUE - 7 | Dec-Jan. 2020 | BHUBANESWAR | 4 PAGES | PRICE : Rs.5.00

## ସଂପାଦକୀୟ

### ଗାନ୍ଧିଜୀଙ୍କ ୭୨ତମ ପୂଣ୍ୟତିଥି ଓ "ଗାନ୍ଧି-୧୫୦" ପାଳନ ଅବସରରେ ଅହିଂସା କଥା କହି ଗାନ୍ଧିଜୀଙ୍କ ପ୍ରତି ଶଠତା ନହେଉ...



ଗତ ୩୦.୦୧.୨୦୨୦ଦିନ ୯୫ତମ ଜନ୍ମଜୟନ୍ତୀ ଅବସରରେ "ମୋନା"ର ଅଧ୍ୟକ୍ଷ ଶ୍ରୀ ପଦ୍ମଚରଣ ନାୟକଙ୍କୁ ମୋନା ପରିବାର ତଥା ଅଗଣିତ ଶୁଭେଚ୍ଛୁଙ୍କ ସସ୍ନେହ ପ୍ରଣାମ ଏବଂ ଶୁଭକାମନା ।

ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧା ନିଦର୍ଶନ ଉଦ୍ଦେଶ୍ୟରେ ତାଙ୍କର ୧୫୦ତମ ଜୟନ୍ତୀ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏବଂ ବହୁ ଅନୁଷ୍ଠାନ ନାନା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଯାହାର ପ୍ରଥମ ବାର୍ଷିକୀ ଉଦ୍‌ଯାପିତ ହେବାକୁ ଯାଉଛି । କେନ୍ଦ୍ର ସରକାରଙ୍କ ଏ ବାବଦରେ ଯେଉଁ କାର୍ଯ୍ୟକ୍ରମ ରହିଛି ତହିଁରେ ନିଶା ନିବାରଣ ନାହିଁ । ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କି ବାତ୍‌ରେ ଡ୍ରଗ୍ ଏବଂ ଇ-ସିଗାରେଟ କଥା ଉଠାଇଛନ୍ତି, କିନ୍ତୁ ମଦ ସମ୍ପର୍କରେ ନୀରବ । ୨୦୧୮, ମାର୍ଚ୍ଚ ୧୮ ତାରିଖ ଦିନ ତାଙ୍କ ସହିତ ସାକ୍ଷାତ୍‌କାର କାଳରେ ମଦର ଭୟାବହତା ସମ୍ପର୍କରେ ମୁଁ ତାଙ୍କୁ ସୁଚାଇଥିଲି । ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାଜୀଙ୍କ ଭଳି ସେ ଏ ଦିଗରେ କିଛି କରନ୍ତୁ ବୋଲି ଅନୁରୋଧ କରିଥିଲି । ଏହାର ଏକ ସପ୍ତାହ ପରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ତାଙ୍କ ବିଧାନସଭା କାର୍ଯ୍ୟାଳୟରେ ଏକ ଅନୁରୋଧ ପତ୍ର ଦେଇଥିଲି । କିନ୍ତୁ ଆଜି ପର୍ଯ୍ୟନ୍ତ ସେ ବାବଦରେ ଉ□ର ମିଳିନାହିଁ । ଅବଶ୍ୟ ବହୁ ଦିନର ଉଦ୍ୟମ ପରେ ୩ବର୍ଷ ତଳେ ଠିକ୍ ଏହି ଗାନ୍ଧି ଜୟନ୍ତୀ ଦିନ ତାଙ୍କୁ ତାଙ୍କ ବାସଭବନରେ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କ୍ରିଷ୍ଣା ମହାନ୍ତିଙ୍କ ସହିତ ସାକ୍ଷାତ୍ କରି ୧୯୫୬ ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲୁ । 'ଆମେ ନିରାଶ ହେବୁନାହିଁ ତ', ବୋଲି କ୍ରିଷ୍ଣା ମହାନ୍ତିଙ୍କ ଅନୁରୋଧର ଉ□ରରେ ସେ କହିଥିଲେ ନା, ନା । ଏବେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସେ ଅହିଂସାକୁ ଆମ ସମ୍ବିଧାନର ମୁଖବନ୍ଧରେ ରଖିବା କଥା ଛଡ଼ା ଗାନ୍ଧିଜୀଙ୍କ 'ଟାଲିସ୍‌ମ୍ୟାନ୍' ବା କଷଟି ପଥର କଥା ଉପରେ ଗୁରୁତ୍ୱ ଦେଉଛନ୍ତି । ଅହିଂସା କଥା ବହୁ ପୂର୍ବରୁ ଜୈନ ମୁନିମାନେ ପ୍ରଚାର କରୁଥିଲେ ଓ ପ୍ରୟୋଗ ବି କରୁଥିଲେ ଯାହାକୁ ପରମ କାରୁଣିକ ବୁଦ୍ଧ ଆହୁରି ବ୍ୟାପକ କରାଇଥିଲେ । ଅହିଂସାକୁ ଏକ ନକରାତ୍ମକ ଶବ୍ଦ ବୋଲି ଗାନ୍ଧୀ ବହୁବାର କହିଛନ୍ତି । ଯାହା କଲେ ହିଂସା ଉଦ୍ରେକ ହେବ ନାହିଁ, ତାହା ହେଉଛି ଶ୍ରଦ୍ଧା ଭାବ । ଏହା ଆମେ ଯେତେ ଅର୍ଜନ କରିବା, ଆମେ ସେତିକି ହିଂସା ଆଚରଣରୁ କ୍ଷାନ୍ତ ହେବା । ଏହା ନବୁଝି ଓଡ଼ିଶାର ଜଣେ ପୂର୍ବତନ ରାଜ୍ୟପାଳ ଥରେ ବିଧାନସଭା ପରିସର ମଧ୍ୟରେ ଥିବା ଗାନ୍ଧିଙ୍କ ମୂ□ ନିକଟରେ ଅକ୍ଟୋବର ୨ ତାରିଖ ଦିନ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଅହିଂସା ଆଚରଣ କରିବା ଲାଗି ଶପଥ କରାଇଥିଲେ । ଏଭଳି ଉପର ଠାଉରିଆ କଥା ଏବେ ଚାଲିଛି । ଅଧିକାଂଶ ପୈଶାଚିକ କାର୍ଯ୍ୟର ମୂଳରେ ରହିଛି ମଦ । ହିଂସାର ମଞ୍ଜିକୁ ନଷ୍ଟ ନ କରି ଅହିଂସାର ବାତାବରଣ ସୃଷ୍ଟି କରିହେବ କି ? ସମାଜର 'ଅନ୍ତିମଜନ'ଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଏକ ସହଜ ବାଟ ପାଇବା ପାଇଁ ସେ ଯେଉଁ କଷଟି ପଥରରେ ପରୀକ୍ଷା କରିବା କଥା କହିଛନ୍ତି ନିଶା ନିବାରଣ କାର୍ଯ୍ୟକାରୀ କରିବା ଦିଗରେ ତାହାର ଆବଶ୍ୟକତା ନାହିଁ । ଓଡ଼ିଶା ବିଧାନସଭାରେ ଗତ ୫ ବର୍ଷ ଧରି ଚାଲିଥିବା ବେସରକାରୀ ବିଧେୟକ ଉପରେ ହୋଇଥିବା ଆଲୋଚନାରେ ବିଧାନସଭାର ସବୁ ଦଳର ସଦସ୍ୟ ନିଶା ନିବାରଣ ସପକ୍ଷରେ ମତ ପ୍ରକାଶ କରିଛନ୍ତି । ଏହା ସ□୍ ଗାନ୍ଧିଜୀଙ୍କ ୧୫୦ ବର୍ଷ ଜୟନ୍ତୀ ପାଳନ ଅବସରରେ ଯଦି ୧୯୫୬ ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ କରିବା କଥା ନ କହି ସରକାର ଯାହା କିଛି କରୁଛନ୍ତି ତାହାକୁ ତାଙ୍କ ପ୍ରତି ଶଠତା ଛଡ଼ା ଆଉ କଣ କୁହାଯିବ ।

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ

ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ : ଡକ୍ଟର ବିଜୟ କୁମାର ସ୍ୱାଇଁ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ, କୈଳାସ ଚନ୍ଦ୍ର ମଲ୍ଲିକ

ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
ଫୋନ୍: ୦୬୭୪-୨୩୯୦୨୧୦, ମୋ: ୯୯୩୮୮୯୩୪୪୫, ୯୪୩୭୦୫୫୦୫୮, ୯୦୪୦୭୩୩୧୦୭, ୯୪୩୮୦୦୫୫୩୩
e-mail : monnaodisha@gmail.com, web : www.monnaodisha.org



ତା୩୦.୦୧.୨୦ରିଖ ଗାନ୍ଧିଜୀଙ୍କ ୭୨ତମ ପୂଣ୍ୟତିଥି ଅବସରରେ ନିଶା ନିବାରଣର ସଦସ୍ୟବୃନ୍ଦ

## ରାତି ଗୋଟାଏ ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ନିଷ୍ପତ୍ତିକୁ ନାପସନ୍ଦ



ଭୁବନେଶ୍ୱର, ୩୧।୧୨(ଇମିସ): ଜିରୋ ନାଇଟ ସେଲିବ୍ରେସନ ଅବସରରେ କଟକ, ଭୁବନେଶ୍ୱର ଓ ପୁରୀରେ ରାତି ଗୋଟାଏ ପର୍ଯ୍ୟନ୍ତ ବାର୍ ଏବଂ ଠିପି ଖୋଲା ମଦ ଦୋକାନ ଖୋଲା ରହିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସଂଗଠନ ପକ୍ଷରୁ ମଳୟ ତ୍ରିପାଠୀ ନିନ୍ଦା କରି କହିଛନ୍ତି, ଖ୍ରୀଷ୍ଟାୟ ନୂଆ ବର୍ଷ ପାଳନ ଅବସରରେ ଅଧିକରୁ ଅଧିକ ମଦ ବିକ୍ରି କରିବା ଲାଗି ସରକାରଙ୍କର ଏହି ନିଷ୍ପତ୍ତି ଅତ୍ୟନ୍ତ ନିନ୍ଦନୀୟ। ଏହା ଦ୍ୱାରା ସରକାର ରାସ୍ତା ଦୁର୍ଘଟଣା ଓ ଦୁଷ୍କର୍ମ ଆଦିକୁ ପରୋକ୍ଷରେ ଆମନ୍ତ୍ରଣ କରୁଛନ୍ତି। କୌଣସି ଅଘଟଣ ଘଟିଲେ, ଏଥିପାଇଁ କେବଳ ସରକାର ହିଁ ଦାୟୀ ରହିବେ। ସରକାର ଗାନ୍ଧୀଜୀଙ୍କ ଅହିଂସା ନୀତିକୁ ଆପଣେଇ ତାଙ୍କର ୧୫୦ତମ ଜୟନ୍ତୀ ପାଳନ କରୁଥିବା ବେଳେ ମଦର ଏହି ପ୍ରଚାରପ୍ରସାର ନିଷ୍ପତ୍ତି ରାଜ୍ୟବାସୀଙ୍କୁ ବ୍ୟଥିତ କରିବା ସହ ସରକାରଙ୍କ ଦୋମୁହାଁ ନୀତିକୁ ଦର୍ଶାଉଛି। ଆଜିର ଏହି ବିକ୍ଷୋଭରେ ମୋନା ପକ୍ଷରୁ ପ୍ରିୟନାଥ ଆଚାର୍ଯ୍ୟ, ଖଗେଶ୍ୱର ବଳ, ମଳୟ ତ୍ରିପାଠୀ, ଅରୁଣ ସାମନ୍ତରାୟ, ସୌମ୍ୟ ମହାନ୍ତି, ଅପର୍ଣ୍ଣା ନାୟକ, ପ୍ରୀତି ନାୟକ, କନକଲତା ଭଞ୍ଜ, ଅଜୟ ପତିଙ୍କ ପ୍ରମୁଖ ଯୋଗ ଦେଇଥିଲେ।

**ମଦୁଆ ଆଜି ଗାଁ ଗାଁରେ - ଯୁବ ସମାଜ ମଦ କବଳେ**

# ବାର୍ଷିକ ବଜେଟକୁ ବି ବଳିଯାଉଛି "ନିଶାଜନିତ" କ୍ଷତି'

ଭୁବନେଶ୍ୱର : ଏକ ଆକଳନ ମୁତାବକ 'ନିଶା' ଯୋଗୁଁ ବର୍ଷକୁ ରାଜ୍ୟ ଯେତିକି କ୍ଷତି ସହେ ତାହା ଓଡ଼ିଶାର ବାର୍ଷିକ ବଜେଟ୍‌ଠାରୁ ବି ଅଧିକ। ଅବିଶ୍ୱାସ ମନେ ହେଉଥିଲେ ହେଁ ବିଭିନ୍ନ କ୍ଷେତ୍ରରେ ହେଉଥିବା କ୍ଷତି ମଧ୍ୟରେ ଯେ ନିଶାର ସିଂହଭାଗ ରହିଛି, ଏପରି ଯୁକ୍ତି ଦର୍ଶାଇଛନ୍ତି ଓଡ଼ିଶା ମଦମୁକ୍ତ ଅଭିଯାନର ଉପଦେଷ୍ଟା ତଥା ଗାନ୍ଧିବାଦୀ ଚିନ୍ତକ ପ୍ରହ୍ଲାଦ କୁମାର ସିଂହ।

ପରିସଂଖ୍ୟାନ ମୁତାବକ ୨୦୦୦-୦୧ ମସିହା ମଧ୍ୟରେ ଓଡ଼ିଶାରେ ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ ଲକ୍ଷ ଟଙ୍କା ଥିଲା। ୨୦୧୮-୧୯ ବେଳକୁ ଏହା ବଢି ୩୯୨୫ କୋଟି ୪୧ ଲକ୍ଷରେ ପହଞ୍ଚିଛି। ପୁଣି ଚଳିତବର୍ଷ ରାଜ୍ୟ ସରକାର ୪୬୦୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଣେ ୨୦୧୩ ମସିହାରୁ ସରକାର ନିଶାମୁକ୍ତ ଗ୍ରାମ କଥା କହି ଆସୁଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ଅଲଗା। ନିଶା କମିବ କ'ଣ ଅଧିକରୁ ଅଧିକ ଲୋକଙ୍କୁ ନିଶାଗ୍ରସ୍ତ କରାଯାଉଛି।

ନିଶାଜନିତ କ୍ଷତିର ଏକ ନମୁନା ହେଉଛି ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୩୦ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୬୦ ହଜାରରୁ ଅଧିକ ପଙ୍ଗୁ ହୋଇଯାଇଛନ୍ତି। ତେବେ ସଂଘଟିତ ଦୁର୍ଘଟଣା ମଧ୍ୟରୁ ୬୦ ପ୍ରତିଶତ ନିଶା ଜନିତ। ଅର୍ଥାତ୍ ନିଶା ଜନିତ ଦୁର୍ଘଟଣା ଯୋଗୁଁ ପ୍ରାୟ ୨୪ ହଜାର ଲୋକ ରାଜ୍ୟରେ ପ୍ରାଣ ହରାଇଛନ୍ତି। ମଦ ଓ ଅନ୍ୟ ନିଶାଖୋର ପ୍ରବୃ□ି ଯୋଗୁଁ ଅନେକ ସମୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଅପରାଧିକ କାର୍ଯ୍ୟକଳାପ ବଢ଼ିଛି।

ଅନେକ ମହିଳା ଓ ଶିଶୁ ନିଶାଖୋରଙ୍କ ଯୋଗୁଁ କୁ-ପ୍ରଭାବ ଭୋଗିଛନ୍ତି। ରୋଗବ୍ୟାଧି ଯଥେଷ୍ଟ ବଢିଛି। ଛାତ୍ରାବସ୍ଥାରୁ ନିଶା ପ୍ରତି ଆସକ୍ତି ଯୋଗୁଁ ବହୁ ପ୍ରତିଭାଦୀପ୍ତ ପିଲାମାନେ ଆଗକୁ ଯାଇପାରୁନାହାନ୍ତି। ଚୋରି ଓ ଡକାୟତି ରାସ୍ତାକୁ ସେମାନଙ୍କୁ ଟାଣି ନେଉଛି। ଗାଁରୁ ସହର ସବୁଆଡ଼େ ନିଶା ବିସ୍ତାର କରୁଥିବାରୁ ଏହାର ପ୍ରଭାବ ଚାଷବାସ କ୍ଷେତ୍ରରେ ମଧ୍ୟ ପଡ଼ିଛି। ରାଜ୍ୟର ସାମାଜିକ, ଆର୍ଥିକ, ନୈତିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଇ ଆସୁଛି। ଯଦି ଏ ସବୁ କ୍ଷୟକ୍ଷତିକୁ ଆକଳନ କରାଯିବ ତେବେ ରାଜ୍ୟର ଆର୍ଥିକ ବଜେଟ୍‌ଠାରୁ ବି କ୍ଷତିର ପରିମାଣ ବଳିଯିବ। ଅର୍ଥାତ ରାଜ୍ୟର ବାର୍ଷିକ ବଜେଟ୍ ଦେଢଲକ୍ଷ କୋଟି ଟଙ୍କା ରହିଥିବା ବେଳେ ବ୍ୟକ୍ତି, ପରିବାର ସମାଜର କ୍ଷତି ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ହେବ ବୋଲି ଶ୍ରୀ ସିଂହ କହିଛନ୍ତି। ରାଜ୍ୟ ସରକାରଙ୍କ ବାର୍ଷିକ ଅବକାରୀ ରାଜସ୍ୱ ପ୍ରାୟ ୪ ହଜାର କୋଟି ଟଙ୍କା। ଯାହାକି ଅନ୍ୟ କ୍ଷେତ୍ରରୁ ସରକାର ଯଥେଷ୍ଟ ଅଧିକ ରାଜସ୍ୱ ସଂଗ୍ରହ କରିପାରିବେ।

ସେ ଉଦାହରଣ ଦେଇ କହିଥିଲେ, ବେଆଇନ୍ ଖଣି କାରବାର ବ୍ୟାପାରରେ ରାଜ୍ୟ ସରକାର ଜାରି କରିଥିବା ୬୯ ହଜାର କୋଟି ଟଙ୍କାର ଜୋରିମାନା ଆଦାୟ କରିବା ସହ ଯଦି ସମସ୍ତ ଖଣିଜ କାରବାର ସରକାରୀ ସଂସ୍ଥା ଦ୍ୱାରା କରାଯିବ, ତେବେ ରାଜକୋଷକୁ ବାର୍ଷିକ ୪୦ ହଜାର କୋଟି ଟଙ୍କାର ଅଧିକ ମୁନାଫା ମିଳିପାରିବ। ଏଥିସହ ଉତ୍ପାଦନ କ୍ଷେତ୍ରରେ ପ୍ରୋତ୍ସାହନ ଓ ବିଭିନ୍ନ କାର୍ଯ୍ୟ କରି ଲୋକଙ୍କୁ ସ୍ୱାବଲମ୍ବୀ କରିପାରିଲେ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ତେଣୁ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଧାନସଭାରେ ଗୃହିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ସାରିଥିବା ଓଡ଼ିଶା ନିଶା ନିବାରଣ ଆଇନକୁ ସଂଶୋଧନ କରି କାର୍ଯ୍ୟକାରୀ କଲେ ରାଜ୍ୟ ସରକାର ଏହାର ସୁଫଳ ପାଇପାରିବେ ବୋଲି ଶ୍ରୀ ସିଂହ କହିଛନ୍ତି।



ତା୨୬/୦୧/୨୦୨୦ରିଖ ମଦମୁକ୍ତ ଯୁବ ବାହିନୀ, କଟକ ଜିଲ୍ଲା ପକ୍ଷରୁ ଯୁବ ସମ୍ବାଦ

## ନିଶା ନିବାରଣ ଦାବି କରି ମହିଳାଙ୍କ ଶୋଭାଯାତ୍ରା




ଜଗତସିଂହପୁର,୨୩।୧୨(ଆପ୍ର): ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଦାବି କରିଛି ସିଭିଲ୍ ସୋସାଇଟି ଫୋରମ୍‌ର ଜଗତସିଂହପୁର ଶାଖା। ଏହି ଉପଲକ୍ଷେ ଫୋରମ୍ ପକ୍ଷରୁ ସହରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଫୋରମର ମୁଖ୍ୟ ସମ୍ପାଦିକା ଝରଣା ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ସ୍ଥାନୀୟ ନିମାଇଁ ଭବନ ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ପହଞ୍ଚିଥିଲେ। ଶୋଭାଯାତ୍ରାରେ ମହିଳାମାନେ ମଦ ବିରୋଧୀ ସ୍ଲୋଗାନ ଦେବା ସହ ନିଶା ନିବାରଣ ଉପରେ ସଚେତନତା ଜାଗ୍ରତ କରିଥିଲେ। ପରେ ଜିଲ୍ଲାପାଳଙ୍କ ପରିସରରେ ଏକ ପଥପ୍ରାନ୍ତ ସଭାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ନିରଞ୍ଜନ ଭୂଇଁଆ, ଅତିଥି ଗୋବିନ୍ଦ ଓଝା, ଭୁବନେଶ୍ୱର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପ୍ରମୁଖ ସଙ୍ଘ ମକର ତ୍ରିପାଠୀ, ଖଗେଶ୍ୱର ବଳ, ପ୍ରିୟନାଥ ଆଚାର୍ଯ୍ୟ, ରମାକାନ୍ତ ମଣ୍ଡଳ, ଅଇଁଠାବା ବାସୁଦେବ, ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର, ପ୍ରତିମା ମହାନ୍ତି, ସଙ୍ଗଠନ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ସ୍ନେହାଂଶୁ ଜେନା, ଶକ୍ତିଧର ମିଶ୍ର, ଷ୍ଟାଲିନ ସାମିଲ ହୋଇ ମଦ ପ୍ରସାରଣର କୁପରିଣତି ଓ ଭୟାବହତା ଉପରେ କହିବା ସହ ତୁରନ୍ତ ନିଶା କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ ବୋଲି ଦାବି କରିଥିଲେ। ଏହି ଅବସରରେ ମହିଳାମାନେ ମଦ ଜନିତ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

CamScanner

## ଓଡ଼ିଶାକୁ ମଦମୁକ୍ତ କର ଦାବିରେ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଭୁବନେଶ୍ୱର : ଉତ୍କଳ ମହିଳା ସମିତିର ଶତାଧିକ ମହିଳା ଭୁବନେଶ୍ୱର ରେଳଷ୍ଟେସନରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ସହ ଓଡ଼ିଶାକୁ ମଦମୁକ୍ତ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଆକର୍ଷଣୀୟ ପ୍ଲାକାର୍ଡ ଧରି ମହିଳାମାନେ 'ମଦଦୋକାନ ଭାଙ୍ଗ', ବିଭୁକ୍ତି ଦେବାର, 'ମଦ ଭାଙ୍ଗ', ଗାଁ ଗଣ୍ଡାରେ ପାନୀୟ ଜଳ ଅଭାବ ଦାବି' ପ୍ରଭୃତି ସ୍ଲୋଗାନ ଦେଇ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଉତ୍କଳ ମହିଳା ସମିତିର ଜିଲ୍ଲା ସଭାନେତ୍ରୀ ସବିତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସଭାରେ ରାଜ୍ୟର ବରିଷ୍ଠ ନାରୀନେତ୍ରୀ ବସନ୍ତୀ ଜେନା, ରାଜ୍ୟ ସମ୍ପାଦିକା ପ୍ରଭାବତୀ ଦାସ, 'ମୋନା'ର ଜିଲ୍ଲା ସାଧାରଣ ସମ୍ପାଦିକା ମମତା ମହାପାତ୍ର, ସି.ପି.ଆଇ ଜିଲ୍ଲା ସମ୍ପାଦକ ଭାରତ ପ୍ରତିହାରୀ ଓ ସ୍ତ୍ରୀନିକେତନ ସୌମ୍ୟ ପ୍ରତିଷ୍ଠାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ବକ୍ତବ୍ୟରେ ରାଜ୍ୟ ସରକାର ଅଧିକ ରାଜସ୍ୱ ଲୋଭରେ ଗାଁ ଗଣ୍ଡାକୁ ଅବାଧ ଗତିବିଧିରେ ମଦଦୋକାନ ଖୋଲି ଓଡ଼ିଆ ଜାତିକୁ ମଦୁଆ କରିଦେଉଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ୧୯୫୬ ମସିହାରେ ଆମ ରାଜ୍ୟରେ ପ୍ରଣୀତ ହୋଇଥିବା ନିଶାମୁକ୍ତ ଓଡ଼ିଶା ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରି ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାପାଇଁ ଦାବି କରିଥିଲେ। ସେହି ସୂତ୍ର ସଭାପତି ସୁକାନ୍ତ ମାହା, ଲକ୍ଷ୍ମୀ ଦୁତ୍ତ, ଯମୁନା ମାହା, ଉର୍ମିଳା ଜେନା, ସବିତା ଅରଖି, ପ୍ରଭାତୀ ରାଉତ, କମଳା ବେହେରା, ଭଗାବାଣୀ ଜେନା, କଳ୍ପନା ପାତ୍ର, ମୌସୁମୀ ମଲ୍ଲିକ, ଭାରତୀ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାରେ ନେତୃତ୍ୱ ନେଇଥିଲେ। ଯତୀନ ପାତ୍ର, ଦେବେନ୍ଦ୍ର ଜେନା, କେଶବ ବାରିକ ଓ ନୈକାଶ ପଣ୍ଡା ପ୍ରମୁଖ ଟ୍ରାଫିକ୍ ଶୃଙ୍ଖଳା ରକ୍ଷା ଦିଗରେ ସହାୟତା କରିଥିଲେ। ବିକ୍ଷୋଭ ପରେ ଏକ ୫ ଜଣିଆ ପ୍ରତିନିଧିଦଳ ଅତିରିକ୍ତ ଜିଲ୍ଲାପାଳ ସର୍ବଦ୍ ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଭାଶେଷରେ ଯୋଗଦେଇଥିବା ମହିଳାମାନଙ୍କୁ ଜିଲ୍ଲା ସମ୍ପାଦିକା ଅରୁଣା ଦାସିକ୍ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ 'ନିଶା ହଟାଅ-ଗାଁ ବଞ୍ଚାଅ' ଅଭିଯାନ, ପୋଇପାଣି କମ୍ପିଲା



ଘଟଗାଁ(ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ତେରଣି ପୋଷରା ପଂଚାୟତ ପୋଇପାଣି ଗ୍ରାମରେ ସହସ୍ରାଧିକ ମହିଳା ନିଶା ହଟାଅ-ଗାଁ ବଞ୍ଚାଅ ଅଭିଯାନ ଚଳାଇଥିଲେ। ମଦ ପ୍ରସ୍ତୁତି ବନ୍ଦ କରିବା, ମଦ୍ୟପଙ୍କୁ ବିରୋଧ, ମଦ, ଗଞ୍ଜେଇ ଓ ଭାଙ୍ଗ ବିକ୍ରି ବନ୍ଦ କରିବା ଦାବିରେ ଗ୍ରାମର ୮ଟି ସାହିରେ ବିଶାଳ ଶୋଭାଯାତ୍ରା କରି ଗାଁ କମ୍ପାଇଥିଲେ। ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତାରୁ ଗାଁରେ ମଦର ବନ୍ୟା ସୃଷ୍ଟି ହୋଇଥିବା ଓ ଏହା ଯୋଗୁଁ ବିଶୃଙ୍ଖଳାର କାରଣ ପାଲଟିଥିବା ମହିଳାମାନେ ଅଭିଯୋଗ ଆଣିଛନ୍ତି।

ଗ୍ରାମର ଲାଇନ୍ସ କ୍ଲବ, ଚମ୍ପେଶ୍ୱର ଯୋଗଳପେଦ, ଟାଇଗର କ୍ଲବ ସଦସ୍ୟ ସଦସ୍ୟାଙ୍କ ସହ ବୈତରଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, କେଦାର ଗୌରୀ, ମା ବୃନ୍ଦାବତୀ, ମା ମନସା, ଲକ୍ଷ୍ମୀ ନାରାୟଣ, ବିଶ୍ୱ ମା କିଚକେଶ୍ୱରୀ, ବାଣେଶ୍ୱର, ଓଁ ଶାନ୍ତି, ମା ଅଞ୍ଜନା, ବିଶ୍ୱ ମା ଗୋକର୍ଣ୍ଣେଶ୍ୱରୀ, ଶୁଭମ୍, ମା ବୃନ୍ଦାବତୀ, ଲକ୍ଷ୍ମୀବାଇ, ଶ୍ରୀ ଗଣେଶ, ସୁରକ୍ଷା, ଭାରତ, ମା' ତାରିଣୀ, ମା' ଶଙ୍କର୍ମୟୀ, ଚମ୍ପେଶ୍ୱର, ଶ୍ରୀ ଦେବୀ, ମା ଶକ୍ତିମୟୀ, ମା ମଙ୍ଗଳା, ମା ବିଶୋଇପାଦ, ଜ୍ଞାନବାରିଣୀ ଓ ମା ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରମୁଖ ୩୦ଟି ସ୍ୱୟଂ ସହାୟିକା ଗୋଷ୍ଠୀର ବ୍ୟାନରରେ ଭର୍ତ୍ତି ମହିଳା ହାତରେ ନିଶା ମୁକ୍ତି ସମ୍ବନ୍ଧୀୟ ପ୍ଲାକାର୍ଡ ଧରି ପୋଇପାଣି ଗ୍ରାମର ମୁଖ୍ୟ ସାହି, କାଲୁଆ ସାହି, ପ୍ରଧାନ ସାହି, ମହାନ୍ତ ସାହି, ବଡ଼ବିଲ ସାହି, ନାୟକ ସାହି, ଭଣ୍ଡାରି ପଡ଼ା ଓ ଜାଲି ସାହି ପରିକ୍ରମା କରିଥିଲେ। ପୋଇପାଣି ଗ୍ରାମରେ ପାଖାପାଖି ୩ୀ ହଜାର ଲୋକ ବସବାସ କରୁଥିବାବେଳେ ଗ୍ରାମରେ ବ୍ୟାପକ ବେଆଇନ କାରବାର ଓ ମଦୁଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଆଜି ମହିଳାମାନଙ୍କର ଆନ୍ଦୋଳନ ପ୍ରଭାବ କେମିତି ପଡ଼ୁଛି ତାହା ଦେଖିବାକୁ ବାକି ରହିଲା।



## ନିଶାନିବାରଣ ଅଭିଯାନର ସଭା



କବିସୂର୍ଯ୍ୟନଗର, ୨୧/୧ (ଜମିସ): କବିସୂର୍ଯ୍ୟନଗର ବ୍ଲକ ଅଧୀନ ବଡ଼ିଆ ଏ.ପଞ୍ଚାୟତରେ କହ୍ନାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ନିଶା ନିବାରଣ ଅଭିଯାନ ସଂପାଦକ ରମାକାନ୍ତ ମଲ୍ଲିକ, ସଦସ୍ୟ ଅର୍ଜୁନ ସାମନ୍ତରାୟ, ମଳୟ ତ୍ରିପାଠୀ, ରାମ ଶଙ୍କର ଓ ବାଲୁଗାଁ ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମରେ ମଦ ଦୋକାନକୁ ନେଇ ଉପୁଜିଥିବା ବିବାଦ ଓ ବିଶୃଙ୍ଖଳା ଆଲୋଚନା କରାଯାଇଥିଲା। ମହିଳା ସଂଗଠନର କର୍ମକର୍ତ୍ତା ମାନେ ଯୋଗ ଦେଇ ମଦ ବନ୍ଦ ଦାବି ଉପସ୍ଥାପନ କରିଥିଲେ। ବଡ଼ିଆ ନାଏବ ସରପଞ୍ଚ ଅମର ପ୍ରଧାନ ଅଭିଯାନକୁ ସମର୍ଥନ ଜଣାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ପତ୍ର

# ମଦ, ଆମିଷ ମୁକ୍ତ ହେଉ ପୁରୀ ବଡ଼ଦାଣ୍ଡ

ଭୁବନେଶ୍ୱର, ୭ ।୧(ନି.ପ୍ର): ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାମ ହେଉଛି ଏକ ପ୍ରମୁଖ ଆଧ୍ୟାତ୍ମିକ କ୍ଷେତ୍ର। କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ବିଶ୍ୱାସର ପ୍ରାଣକେନ୍ଦ୍ର। ପୁରୀର ବଡଦାଣ୍ଡ ହେଉଛି ଏକ ପବିତ୍ର ସ୍ଥାନ। ବର୍ଷକୁ ଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସେହି ପବିତ୍ର ବଡଦାଣ୍ଡରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ପୁରୀର ସୌନ୍ଦର୍ଯ୍ୟକରଣକୁ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ଏହି ପବିତ୍ର ବଡଦାଣ୍ଡକୁ କିଭଳି ଆମିଷମୁକ୍ତ କରାଯାଇ ପାରିବ ତା' ଉପରେ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ଶ୍ରୀ ନାଏକ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବଡଦାଣ୍ଡରେ ଥିବା ଅନେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଦ ଓ ଆମିଷ ବିକ୍ରି କରାଯାଉଛି। ବିଳମ୍ବିତ ରାତ୍ରିରେ ଏପରିକି ଦିନବେଳେ ବି ମଦ ପିଇ



ବଡଦାଣ୍ଡରେ ଲୋକେ ବିଶୃଙ୍ଖଳିତ ଆଚରଣ କରୁଥିବାର ନଜିର ଅଛି। ଏହାଦ୍ୱାରା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ମନରେ ଓଡିଶା ପ୍ରତି ଏକ ନକରାତ୍ମକ ଭାବନା ଦେଖା ଯାଉଛି। ତେଣୁ ଏଠାରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବା ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ନାୟକ ଦର୍ଶାଇଛନ୍ତି।

ସେ ଉଲ୍ଲେଖ କରିଛନ୍ତି ଯେ ପୂର୍ବରୁ ଅନେକ ସାଧୁ ସନ୍ଥ ସରକାରଙ୍କଠାରେ ଏହି ଦାବି ଉଠାଇଛନ୍ତି। ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିରର ଚାରିପଟକୁ ସୁନ୍ଦର ଓ ସୁରକ୍ଷିତ କରିବା ପାଇଁ ଅନେକ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ପୁରୀ ବଡଦାଣ୍ଡକୁ ମଦମୁକ୍ତ ଓ ଆମିଷମୁକ୍ତ କରିବାର ମଧ୍ୟ ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଦାବିକୁ ଯଥାର୍ଥ ମନେକରି ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ନାୟକ ଅନୁରୋଧ କରିଛନ୍ତି।

## କଟାକ୍ଷ - କିଶୋର

ରାଜସ୍ୱ ନିଶାରେ ରାଜ୍ୟ ସରକାର ପ୍ରସାର କରଇ ମଦର
ବାର ବରଷରେ ବତିଶି ହଜାରେ ମଦ ଆକ୍ସିଡେଣ୍ଟ ମୁର୍ଦ୍ଦାର...
ଘର ପରିବାର ଅନ୍ଧାର ... ମଦରୁ ରେଏପ - ମଦରୁ ମର୍ଡର
ଫାଦର ମଦର ବ୍ରଦର ...